# କରୋନା ମହାମାରୀ ମୁକାବିଲା ସମୟରେ ମତ୍ସ୍ୟ ସମ୍ପଦ ବିକାଶ ପାଇଁ

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

# ପଲିଥିନ୍ ଆସ୍ତରଣଯୁକ୍ତ ପୋଖରୀରେ ଚିଙ୍ଗୁଡ଼ି ଚାଷ

ପଲିଥିନ୍ ଆସ୍ତରଣ କରି କ୍ଷାରିପାଣି ଚିଙ୍ଗୁଡ଼ି ଚାଷ ଏକ ସଦ୍ୟତମ ଜ୍ଞାନ କୌଶଳର ସଫଳ ପ୍ରୟାସ। ପରିବେଶ ଅନୁକୂଳରେ ହେଉଥିବା ଏହି ପଦ୍ଧତିର ଚାଷ ଅଧିକ ଉତ୍ପାଦନ ସହ ଚିଙ୍ଗୁଡ଼ିଚାଷୀଙ୍କୁ ଆଣି ଦେଉଛି ପ୍ରଚୁର ଲାଭ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି ନୂତନ ଯୋଜନା "ଓଡ଼ିଶାରେ ଉନ୍ନତ ପ୍ରଣାଳୀରେ ଚିଙ୍ଗୁଡ଼ି ଚାଷ ପାଇଁ ପଲିଥିନ୍ ଆସ୍ତରଣ ଜ୍ଞାନକୌଶଳର ପ୍ରୋତ୍ସାହନ"।



### ପଲିଥିନ୍ ଆସ୍ତରିତ ପୋଖରୀର ଚିଙ୍ଗୁଡ଼ି ଚାଷ ଦ୍ୱାରା

- ମାଟି ସହ ଜଳର ମିଶ୍ରଣକୁ ରୋକି ରୋଗ ଓ ସଂକ୍ରମଣକୁ ଦୂର କରେ।
- ଜଳକ୍ଷୟକୁ ରୋକାଯାଇ ପାରିବ
- ପୋଖରୀକୁ ଜୈବ ସୁରକ୍ଷା ପ୍ରଦାନ କରେ
- ପଲିଥିନ୍ ଆସ୍ତରଣ ଓ କେନ୍ଦ୍ରୀୟ ଜଳନିଷ୍କାସନ ବ୍ୟବସ୍ଥା ପୋଖରୀରୁ ଉତ୍ପନ୍ନ ଜୈବିକ ବର୍ଜ୍ୟବସ୍ତୁ ନିଷ୍କାସନରେ ସହାୟକ ହୁଏ।
- ସୂର୍ଯ୍ୟାଲୋକରେ ପଲିଥିନ୍ ଆସ୍ତରଣରେ ଥିବା ହାନିକାରକ ମାଇକ୍ରୋବ୍ସ ଓ ଶୈବାଳ ତୁରନ୍ତ ନଷ୍ଟ ହୋଇଯାଏ।
- ପଲିଥିନ୍ ଦୀର୍ଘ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥାଏ ଓ ଚାଷୀକୁ ଅଧିକ ଉତ୍ପାଦନରେ ସାହାଯ୍ୟ କରିଥାଏ।

### ହିତାଧିକାରୀ ଚୟନ

କ୍ଷାରୀପାଣି ଚିଙ୍ଗୁଡ଼ିଚାଷୀ/ହ୍ୟାଚେରୀ ପରିଚାଳକ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ଶିକ୍ଷିତ ବେକାର ଯୁବକ/ଯୁବତୀ ତଥା ଓଡ଼ିଶା ଫେରନ୍ତା ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟ ଏଥିରେ ସୁଯୋଗ ପ୍ରଦାନ କରାଯିବ।

ହିତାଧିକାରୀ ଉପକୂଳ ଜଳକୃଷି କର୍ତ୍ତୃପକ୍ଷ (CAA) ଙ୍କ ଦ୍ୱାରା ଲାଇସେନ୍ସପ୍ରାପ୍ତ ହୋଇଥିବା ଆବଶ୍ୟକ।

ଏହି ଯୋଜନାରେ ଜଣେ ଚାଷୀ ସର୍ବନିମ୍ନ ୦.୧ ହେକ୍ଟର (୧୦୦୦ ବର୍ଗମିଟର) ଓ ସର୍ବାଧିକ ୦.୪ ହେକ୍ଟର (୪୦୦୦ ବର୍ଗ ମିଟର) ପୋଖରୀ ପାଇଁ ସରକାରୀ ରିହାତି ପାଇପାରିବେ।

ପୋଖରୀରେ ପଲିଥିନ୍ ଆସ୍ତରଣ, ଏବଂ ଏୟାର୍ ବ୍ଲୋଅର୍ ସହିତ ଏରୋ ଟ୍ୟୁବ୍ସ ପାଇଁ କେବଳ ରିହାତି ଯୋଗାଇ ଦିଆଯାଏ।

### କିପରି ଆବେଦନ କରିବେ

ଇଚ୍ଛୁକ ଚିଙ୍ଗୁଡ଼ି ଚାଷୀମାନେ ନିର୍ଦ୍ଧାରିତ ଫର୍ମରେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଆବେଦନ କରିପାରିବେ। ନୂଆ କିମ୍ବା ପୁରୁଣା ପୋଖରୀରେ ପଲିଥିନ୍ ଆସ୍ତରଣ ପାଇଁ ସରକାରୀ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି। ପଲିଥିନ୍ ଆସ୍ତରଣରେ ଚିଙ୍ଗୁଡ଼ିଚାଷ କରିବା ପଇଁ ସାଧାରଣ ବର୍ଗର ହିତାଧିକାରୀଙ୍କୁ ପ୍ରକଳ୍ପ ମୂଲ୍ୟର ଶତକଡ଼ା ୪୦ ଭାଗ ଓ ଅନୁସୂଚୀତ ଜାତି ଜନଜାତି ଏବଂ ମହିଳାଙ୍କ ପାଇଁ ଶତକଡ଼ା ୬୦ ଭାଗ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି।

### ପ୍ରକଳ୍ପ ମୂଲ୍ୟ ଓ ରିହାତି

| କ୍ର. ସଂ. | ପ୍ରକଳ୍ପ | ୟୁନିଟ୍ | ପ୍ରକଳ୍ପ ମୂଲ୍ୟ (ଟଙ୍କାରେ) | ସରକାରୀ ରିହାତି | |
|---|---|---|---|---|---|
| | | | | @୪୦% | @୬୦% |
| ୧. | ପଲିଥିନ୍ ଆସ୍ତରଣ (HDPE) | ୧ | ୧୨୦୦୦୦ | ୪୮୦୦୦ | ୭୨୦୦୦ |
| ୨. | ୫ ଅଶ୍ୱଶକ୍ତି ସମ୍ପନ୍ନ ବ୍ଲୋୟର | ୧ | ୭୦୦୦୦ | ୨୮୦୦୦ | ୪୨୦୦୦ |
| ୩. | ଏରୋ ଟ୍ୟୁବ୍ସ | ୧ | ୨୦୦୦୦ | ୮୦୦୦ | ୧୨୦୦୦ |
| | ମୋଟ୍ | | **୨୧୦୦୦୦** | **୮୪୦୦୦** | **୧୨୬୦୦୦** |



"ପଲି ଲାଇନିଂ ଚିଙ୍ଗୁଡ଼ି ଚାଷ, ଲାଭ ସହ ଆଣେ ମୁହଁରେ ହସ"

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ନିକଟସ୍ଥ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**